# Akashvani, Sambalpur

## SAMBALPURI NEWS EVENING BULLETIN

## 18 May 2026-7.02- 7.12 pm.

---

୧- ସରକାର୍‌ଙ୍କର୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନା ସବୁ ରାଜ୍ୟବାସୀଙ୍କର୍ ପାଶେ ପୁହୁଁଚାବାର୍‌କେ ଦଳୀୟକର୍ମୀମାନ୍‌କୁ ପରାମର୍ଶ ଦେଲେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ।

୨- ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଯୁକ୍ତ ୨ ପରୀକ୍ଷାଫଲ୍ ଆଏବା ବୁଧବାର୍ ଦିନ ବାହାର୍‌ବା- ଗଣଶିକ୍ଷାମନ୍ତ୍ରୀଙ୍କର୍ ସୂଚ୍‌ନା ।

୩- ଓଡ଼ିଶା ନ ସୁରକ୍ଷିତ୍ ନିବେଶ୍ ପରିବେଶ୍ ତିଆର୍ କର୍‌ବାର୍ ଲକ୍ଷ୍ୟଥି ଭୁବ୍‌ନେଶ୍ୱର୍ ନ ଖୁଲ୍‌ବା ସେବିର ଶାଖା କାର୍ଯ୍ୟାଳୟ ।

ଆଉର୍

୪- ରାଏଜେ ହେଉଛେ ଜବର୍ ଖରା ।

- ଭିନ୍ ଭିନ୍ ଜାଗାର୍ ତାପମାତ୍ରା ପାର୍ କଲା ୪୦ ଡିଗ୍ରୀ ସେଲ୍‌ସିଅସ୍ ।

ନୀତିନ୍ ନବୀନ୍ -୧        ଆର୍ଏନ୍ୟୁ/ କଟକ୍

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ୍ ନବୀନ୍ ୨ ଦିନିଆ ଓଡ଼ିଶା ଗସ୍ତରୁ ଆସିଛନ୍ । ରାଜ୍ୟ ବିଜେପି କାର୍ଯ୍ୟାଳୟ ନ ଶ୍ରୀ ନବୀନ୍ଙ୍କର୍ ଅଧ୍ୟକ୍ଷତାରୁ କୋର୍ କମିଟି ବୈଠକ୍ ହେଇଯାଇଛେ । ବୈଠକ୍ରୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ଦଲର୍ ବରିଷ୍ଠ ନେତୃବୃନ୍ଦଙ୍କର୍ ସାଙ୍ଗେ ରାଷ୍ଟ୍ରୀୟ ଅଧ୍ୟକ୍ଷ ସାଂଗଠନିକ୍ କାର୍ଯ୍ୟାଧାରା ଆଉ ଓଡ଼ିଶାର୍ ଆର୍ଥିକ୍ ବିକାଶ୍ ବାବ୍ଦେ ଆଲୋଚନା କରିଛନ୍ । ଦଲୀୟ କର୍ମୀଙ୍କୁ ଆହ୍ୱାନ୍ ଦେଇକରି ଶ୍ରୀ ନବୀନ୍ କହିଛନ୍, କେନ୍ଦ୍ର ଆଉ ରାଜ୍ୟ ସର୍କାର୍ଙ୍କର୍ ଜନକଲ୍ୟାଣ୍କାରୀ ଯୋଜ୍ନାମାନ୍ ରାଜ୍ୟର୍ ଫି’ ଘରେ ପୁହୁଁଚିବାର୍ ଦର୍କାର୍ । ସୁଭଦ୍ରା, ଆୟୁଷ୍ମାନ୍ ଆଉ ସମବାୟ କଲ୍ୟାଣ୍ ଯୋଜ୍ନା ମାନ୍କର୍ନୁ ଯୋଗ୍ୟ ହିତାଧିକାରୀମାନେ ସିଧାସଲଖ୍ ଲାଭ୍ ଉଠାବାର୍ ଜରୁରୀ ବଲି ଶ୍ରୀ ନବୀନ୍ ଜୋର୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବୈଠକ୍ ଉତ୍ରୁ ସାମାଜିକ୍ ଗଣମାଧ୍ୟମ୍ ପୋଷ୍ଟ୍ରୁ କହିଛନ୍ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଦୂରଦୃଷ୍ଟି ସମ୍ପନ୍ନ ମାର୍ଗଦର୍ଶନ୍ରୁ ଦୁହି ରାଜ୍ୟ ଆଉ କେନ୍ଦ୍ର ସର୍କାର୍ ଓଡ଼ିଶାର୍ ସର୍ବାଙ୍ଗୀନ୍ ବିକାଶ୍, ସାମାଜିକ୍ ସୁରକ୍ଷା ଆଉ

ଅର୍ଥନୈତିକ୍ ଅଭିବୃଦ୍ଧିକେ ଗୁଟେ ନୂଆଁ ଦିଗ୍ ଦଉଛନ୍ । ରାଜ୍ୟର୍ ଫି' ନାଗରିକଙ୍କର୍ କଲ୍ୟାଣ୍ ଆଉ ଓଡ଼ିଶାର୍ ଗୌରବ୍‌କେ ସାରା ପୁର୍ଥି ନ ପୁହୁଁଚାବାର୍ ଲାଗି ସର୍କାର୍ ସଂକଳ୍ପବଦ୍ଧ ବଲି ଶ୍ରୀ ମାଝୀ କହିଛନ୍ ।

ତାର୍ ଉତ୍‌ରୁ ଶ୍ରୀ ନବୀନ୍ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଠାନେ ଜିଲ୍ଲାସ୍ତରୀୟ ପଣ୍ଡିତ୍ ଦୀନଦୟାଲ୍ ପ୍ରଶିକ୍ଷଣ୍ ମହା ଅଭିଯାନ୍ ଶିବିର୍‌କେ ଆନୁଷ୍ଠାନିକ୍ ଭାବେ ଉଦ୍‌ଘାଟନ୍ କର୍‌ବାର୍ ସହେତେ ପୁରୀ ଯାଇକରି ଶ୍ରୀମନ୍ଦିର୍ ନ ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ଦର୍ଶନ୍ କରିଛନ୍ । ପୁରୀ ନୁ ଫିର୍‌ବାର୍ ଉତ୍‌ରୁ ଅଲ୍‌ଗା କେତେଟା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଆଏଜ୍ ବେଲ୍‌ବୁଡ଼େ ଶ୍ରୀ ନବୀନ୍ ଦିଲ୍ଲୀ ଫିରିଯିବେ । ଆଝିରର୍ ବୈଠକ୍‌ଥି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ୍ ଓରାମ୍, ବିଜେପି ରାଜ୍ୟ ସଭାପତି ଆଉ ସାଂସଦ୍ ମନ୍‌ମୋହନ୍ ସାମଲ୍ , ବିଜେପି ଓଡ଼ିଶା ପ୍ରଭାରୀ ବିଜୟପାଲ୍ ସିଂ ତୋମାର୍, ସହପ୍ରଭାରୀ ଲତା ଉଷେଣ୍ଡି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଉ କେ.ଭି. ସିଂହଦେଓ ପ୍ରମୁଖ ଉପସ୍ଥିତ୍ ଥିଲେ ।

ନୀତିନ୍ ନବୀନ୍ -୨ ହି.ସ.

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ୍ ନବୀନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବିଜେପି କୋର୍ କମିଟି ବୈଠକ୍‌ଥି ସଂଗଠନ୍ ଆଉ ସର୍‌କାର୍ ଭିତ୍‌ରେ ତାଲ୍‌ମେଲ୍ ବଢ଼ାବାର୍ ଆଉ ନିର୍ବାଚିତ୍ ଲୋକ ପ୍ରତିନିଧି ଆଉ କର୍ମକର୍ତାମାନ୍‌କର୍ ଭିତ୍‌ରେ ସହଯୋଗ୍ ରକ୍ଷାକେ ନେଇକରି ଭିନ୍ ଭିନ୍ ପ୍ରସଙ୍ଗ ଭିତ୍‌ରେ ଆଲୋଚନା ହେଇଛେ । ବୈଠକ୍ ଉତ୍‌ରୁ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍, ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଏଜେ ସଂଗଠନ୍‌କେ ମଜ୍‌ବୁତ୍ କର୍‌ବାର୍ ସହେତେ ସର୍‌କାର୍‌ଙ୍କୁ ଲୋକାଭିମୁଖୀ କର୍‌ବାର୍ ଉପ୍‌ରେ ଜୋର୍ ଦେଇଛନ୍ । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍,

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

ଯୁକ୍ତ ଦୁଇ ପରୀକ୍ଷାଫଳ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ଉଚ୍ଚ ମାଧ୍ୟମିକ୍ ଶିକ୍ଷା ପରିଷଦ୍ - ସିଏଚ୍‌ଏସ୍‌ଇ ପରିଚାଳିତ୍ ଯୁକ୍ତ ଦୁଇ ପରୀକ୍ଷାଫଲ୍ ଆଏବା ବୁଧବାର୍ ଦିନ

ବାହାର୍‌ବା ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । କଲା, ବିଜ୍ଞାନ୍, ବାଣିଜ୍ୟ ଆଉ ଧନ୍ଦାମୂଲକ୍ ପରୀକ୍ଷାଫଲ୍ ଗୁଟେ ଦିନ ବାହାର୍‌ବା । ପରୀକ୍ଷାର୍ଥୀମାନେ ସିଏଚ୍‌ଏସ୍‌ଇ ୱେବ୍‌ସାଇଟ୍‌ଥି ପରୀକ୍ଷାଫଲ୍ ଦେଖିପାର୍‌ବେ । ଇ ବଛର୍ ପାଖାପାଖି ୪ ଲାଖ୍ ଛାତ୍ରଛାତ୍ରୀ ଯୁକ୍ତ ଦୁଇ କଲା, ବିଜ୍ଞାନ୍, ବାଣିଜ୍ୟ ଆଉ ଧନ୍ଦାମୂଲକ୍ ବିଷେଥି ପରୀକ୍ଷା ଦେଇଥିଲେ । ପରୀକ୍ଷାଫଲ୍ ବାହାର୍‌ବାର୍ ବାବ୍‌ଦେ ମନ୍ତ୍ରୀ ଶ୍ରୀ ଗଣ୍ଡ ତାଙ୍କର୍ ପ୍ରତିକ୍ରିୟାଥି କହିଛନ୍,

(ଭଏସ୍ ଓଭର୍- ନିତ୍ୟାନନ୍ଦ ଗଣ୍ଡ)

ମେଟ୍ରିକ୍ ସପ୍ଲିମେଂଟାରୀ ହି.ସ.

ଓଡ଼ିଶା ମାଧମିକ୍ ଶିକ୍ଷା ବୋର୍ଡ୍ ତର୍‌ଫୁ ପରିଚାଲିତ୍ ମେଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା ଲାଗି ଫର୍ମ ଭର୍‌ବାର୍ ସମିଆକେ ବଢ଼ାଯାଇଛେ । ମେଟ୍ରିକ୍ ସପ୍ଲିମେଂଟାରୀ ଫର୍ମ ଫିଲଅପ୍ ଲାଗି ଧାରିଜ୍ ସମିଆ ଆଏଜ୍ ଶେଷ୍ ହେଉଥିଲା । ହେଲେ ଇ ସମିଆ

ଆଏବା ୨୫ ତାରିଖ୍‌ତକ୍ ବଢ଼ାଯାଇଛେ ବଲି ବୋର୍ଡ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଓଡ଼ିଶା ହୋଇକୋର୍ଟ- ଭର୍ଚ୍ୟୁଆଲ୍ ଏକ୍ସ

ଦେଶେ ଦେଖାଦେଇଥିବା ତେଲ୍ ସଂକଟ୍‌କେ ନଜର୍‌ଥି ରଖିକରି ଓଡ଼ିଶା ହାଇକୋର୍ଟ ଆଭାସୀ ଜରିଏ ଚାଲ୍‌ବା । ଆଏବା କାଏଲ୍ ଆଉ ୨୧ ତାରିଖ୍ ହାଇକୋର୍ଟ ଆଭାସୀ ଜରିଏ ଚାଲ୍‌ବା । ଇତାର୍‌ସହେତେ ଖରାଛୁଟି ସମିଆଥି ଭିଲ୍ କୋର୍ଟ ଆଭାସୀ ଜରିଏ କାମ୍ କର୍‌ବା ଆଉ ଇ ସମିଆଥି ଖାଲି ୫୦ ପ୍ରତିଶତ୍ କର୍ମଚାରୀ କୋର୍ଟ ନ ଉପସ୍ଥିତ ରହେବେ ବଲି ଓଡ଼ିଶା ହାଇକୋର୍ଟଙ୍କର୍ ତର୍‌ଫୁ  ନୋଟିସ୍ ଜାରି କରାଯାଇଛେ ।

ସେବି କାର୍ଯ୍ୟାଳୟ ଆର୍‌ଏନ୍‌ୟୁ/ କଟକ୍

ପୁଞ୍ଜିବଜାର୍ ନିୟାମକ ସଂସ୍ଥା ଭାରତୀୟ ପ୍ରତିଭୂତି ଆଉ ବିନିମୟ ବୋର୍ଡ୍ - ସେବି ର ଶାଖା କାର୍ଯ୍ୟାଳୟ ଭୁବ୍‌ନେଶ୍ୱର୍ ନ ଖୁଲ୍‌ବା । ଇ ବାବ୍‌ଦେ ସେବିର ଅଧ୍ୟକ୍ଷ ତୁହିନ୍‌କାନ୍ତ ପାଣ୍ଡେ ସୂଚ୍‌ନା ଦେଇଛନ୍ । ସେବିର ପୂର୍ବାଂଚଲ୍ ଆଂଚଲିକ୍ କାର୍ଯ୍ୟାଳୟ ଅଧୀନ୍‌ଥି ଇ କେନ୍ଦ୍ର କାମ୍ କର୍‌ବା ଆଉ ନିବେଶକ୍‌ମାନ୍‌କର୍ ଅଭିଯୋଗ୍‌ର ସମାଧାନ୍, ସଚେତନତା କାର୍ଯ୍ୟକ୍ରମ୍, ସାହଜ୍ ଆଉ ସ୍ଥାନୀୟ କ୍ଷେତ୍ରଥି ସମନ୍ୱୟକେ ଜୋର୍ ଦେବା । ନୂଆଁ ଶାଖା ଓଡ଼ିଶା ନ ନିବେଶକ୍‌ମାନ୍‌କର୍ ସହେତେ ଅଂଶୀଦାର୍‌ମାନ୍‌କର୍ ଅଏତ୍‌କା ଯୋଗଦାନ୍ ସହେତେ ଆର୍ଥିକ୍ ବଜାର୍‌ଥି ଓଡ଼ିଶାର୍ ଯୋଗଦାନ୍‌କେ ନିୟନ୍ତ୍ରିତ୍ କର୍‌ବା ବଲି ଜନାପଡ଼ିଛେ । ସେବିର ଇ ନୂଆଁ ପଦକ୍ଷେପ୍ ଲାଗି ରାଏଜେ ସୁରକ୍ଷିତ୍ ନିବେଶ୍ ପରିବେଶ୍ ତିଆର୍ ହେବାର୍ ସହେତେ ଆର୍ଥିକ୍ ଅନ୍ତର୍ଭୁକ୍ତିକରଣ୍ ଆହୁରି ବଢ୍‌ବା ବଲି ଶ୍ରୀ ପାଣ୍ଡେ କହିଛନ୍ । ଆଏବା କାଏଲ୍ ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ୍ ସଂଘ - ଆମ୍ଫି ର ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ଲାଗି ଶ୍ରୀ ପାଣ୍ଡେ ଭୁବ୍‌ନେଶ୍ୱର୍ ଗସ୍ତଥି ଆସୁଛନ୍ ।

ତୈଳ ଯୋଗାଣ ବୈଠକ୍       ଆଇ.ଆଣ୍ଡ୍.ପି.ଆର୍

ରାଏଜେ ତୈଳ ଯୋଗାଣ ସ୍ଥିତିକେ ନେଇକରି ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ତୈଳ କମ୍ପାନୀ ଅଧିକାରୀ ଆଉ ଭିନ୍ ଭିନ୍ ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିକରି ସ୍ୱାଭାବିକ୍ ତେଲ୍ ଯୋଗାଣ ବାବ୍‌ଦେ ଆଲୋଚନା କରିଛନ୍ । ରାଏଜେ ଇହାଦେ ତେଲ୍ ସଂକଟ୍ ନାଇଁନ । ବେଆଇନ୍ ମହଜୁଦ୍‌କାରୀଙ୍କର୍ ଉପ୍‌ରେ ଜିଲ୍ଲାପାଲ୍‌ମାନେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବେ ବଲି ଶ୍ରୀମତୀ ଗର୍ଗ କହିଛନ୍ ।

(ଭଏସ୍ ଓଭର୍- ଅନୁ ଗର୍ଗ)

ଭାରତୀୟ ତୈଳ ନିଗମ୍ ଲିମିଟେଡ୍ ଆଇଓସିଏଲ୍‌ର ସି.ଜି.ଏମ୍. କମଲ୍ ସିଲ୍ କହିଛନ୍, ପେଟ୍ରୋଲ୍ ଡିଜେଲ୍ ଆଉ ଏଲ୍‌ପିଜି ରାଏଜେ ଭର୍‌ପୁର୍ ମାତ୍ରାଥି ରହିଛେ । ନିୟମିତ୍ ଯୋଗାଣ ଜାରି ରହିଛେ ଆଉ ଗୁଜବ୍‌କେ ବିଶ୍ୱାସ୍ ନାଇଁ କର୍‌ବାର୍ ଲାଗି ସେ ଲୁକ୍‌କୁ ପରାମର୍ଶ ଦେଇଛନ୍ ।

ଅନ୍ତର୍ଜାତୀୟ ସଂଗ୍ରହାଲୟ ଦିବସ ଆର୍‌ଏନ୍‌ୟୁ / ସମ୍ବଲପୁର

ସଂଗ୍ରହାଲୟ ହେଉଛେ ସାଂସ୍କୃତିକ ବିନିମୟ, ସଂସ୍କୃତିର୍ ସମୃଦ୍ଧି, ଆପୋଷ ବୁଝାମଣାର ବିକାଶ୍, ଲୁକଙ୍କର୍ ଭିତ୍‌ରେ ସହଯୋଗ୍ ଆଉ ଶାନ୍ତିର ଗୁଟେ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ୍ । ଇ ବାବ୍‌ଦେ ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ଅନ୍ତର୍ଜାତୀୟ ସଂଗ୍ରହାଲୟ ଦିବସ୍ ପାଲନ୍ କରାଯାଉଛେ । ଇଂଟର୍‌ନେସ୍‌ନାଲ୍ କାଉନ୍‌ସିଲ୍ ଅଫ୍ ମ୍ୟୁଜିୟମ୍ ୧୯୭୭ ମସିହାନୁ ଫି ବଛର୍ ମେ ୧୮ ତାରିଖ୍ ଦିନ ଆନ୍ତର୍ଜାତୀୟ ସଂଗ୍ରହାଲୟ ଦିବସ୍ ପାଲନ୍ କରୁଛେ । ଇ ବଛ୍‌ରର୍ ବାର୍ତା ହେଉଛେ 'ଗୁଟେ ବିଭାଜିତ ପୁର୍‌ଥିକେ ଏକ୍ କର୍‌ସି ସଂଗ୍ରହାଲୟ' ।

ଅଭିଯୋଗ୍ ଶୁଣାଣି

ବୌଦ୍ଧ/ ସମ୍ବଲପୁର/ ଦେବ୍‌ଗଡ଼୍/ ସୁବର୍ଣ୍ଣପୁର୍/ ନୂଆପଡ଼ା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକଙ୍କର୍ ଯୁଗ୍ମ ଜନଶୁଣାଣି ଶିବିର ଆଏଜ୍ ହେଇଯାଇଛେ ।

ସମ୍ବଲ୍ପୁର୍ ଜିଲ୍ଲା ଯୁଯୁମୁରା ବ୍ଲକ୍ କାର୍ଯ୍ୟାଳୟ ଠାନେ ହେଇଥିବା ଜନଶୁଣାଣି ଶିବିର୍ଥି ୪୦ ଟା ଅଭିଯୋଗ୍ ଆସିଥିଲା ।

ବୌଦ୍ଧ ଜିଲ୍ଲା କଂଟାମାଲ୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଜନଶୁଣାଣି ଶିବିରଥି ୬୭ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୧୪ ଟାର୍ ତୁର୍ତି ସମାଧାନ୍ କରାଯାଇଛେ ।

ନୂଆପଡ଼ା ଜିଲ୍ଲା  କୋମ୍ନା ପଂଚାୟତ୍ ସମିତି କାର୍ଯ୍ୟାଳୟ ହେଇଥିବା ଶିବିର୍ଥି ୫୭ ଟା ଅଭିଯୋଗ୍ର ଶୁଣାଣି କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ବୀର୍ମହାରାଜ୍ପୁର୍ ବ୍ଲକ୍ ବହଲ୍ପଦର୍ ଗ୍ରାମ୍ପଂଚାୟତ୍ କାର୍ଯ୍ୟାଳୟ ନ ହେଇଥିବା ଶୁଣାଣି ଶିବିର୍ଥି ୬୨ ଟା ଅଭିଯୋଗ୍ ଆସିଥିଲା । ସେଥିର୍ଭିତ୍ରୁ ୧୮ ଟା ସମସ୍ୟାର୍ ତୁର୍ତି ସମାଧାନ୍ କରାଯାଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ରିଆମାଲ୍ ବ୍ଲକ୍ ତାବଡ଼ା ଗ୍ରାମ୍ ପଂଚାୟତ୍ ସମିତି ସମ୍ମିଳନୀ କକ୍ଷ ନ  ହେଇଥିବା ଶିବିର୍‌ଥି ୬୭ ଟା ଅଭିଯୋଗ୍ ଆସିଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବର୍ଜ୍ୟବସ୍ତୁ ପରିଚାଳନା ଶିବିର        ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ର ଅଧକ୍ଷ ଆଉ ଜିଲ୍ଲା ଦୌରାଜଜ୍ ପ୍ରଜ୍ଞା ପାଣିଗ୍ରାହୀଙ୍କର୍ ନିର୍ଦ୍ଦେଶ୍‌ଥି ସମ୍ବଲ୍‌ପୁର୍ ସିଭିଲ୍ କୋର୍ଟ ବିକଳ୍ପ ସମାଧାନ୍ କେନ୍ଦ୍ର ନ ବର୍ଜ୍ୟବସ୍ତୁ ପରିଚାଳନା ଉପ୍‌ରେ ଗୁଟେ ଆଇନ୍ ସଚେତନତା ଶିବିର୍ ହେଇଯାଇଛେ । ଶିବିର୍‌ଥି ସହର୍ ନ ବର୍ଜ୍ୟବସ୍ତୁ ପରିଚାଳନା ଉପ୍‌ରେ ବିସ୍ତୃତ୍ ଆଲୋଚନା କରାଯାଇଛେ । ସଭାଥି ସମାଧାନ୍ ସମାରୋହ ଶୀର୍ଷକ୍ ଗୁଟେ ଖାସ୍ ଲୋକଅଦାଲତ୍

ବାବ୍‌ଦେ ଉପସ୍ଥିତ୍ ଲୁକ୍‌କୁ ଜନେଇ ଦିଆଯାଇଛେ । ଶିବିର୍‌ଥି ପାରା ଲିଗାଲ୍ ସ୍ୱେଚ୍ଛାସେବୀ ଆଉ ସମ୍ବଲ୍‌ପୁର୍ ମହାନଗର୍ ନିଗମ୍‌ର ସ୍ୱଚ୍ଛ ସାଥୀମାନେ ଉପସ୍ଥିତ୍ ଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ହେଉଥିବା ଜବର୍ ଖରା ଲାଗି ଜନଜୀବନ୍ ଅସ୍ତବ୍ୟସ୍ତ ହେଇପଡ଼ିଛେ । ଖାସ୍ କରି ପଶ୍ଚିମ ଆଉ ଆଭ୍ୟନ୍ତରିଣ୍ ଓଡ଼ିଶାର୍ କେତେଟା ଜିଲ୍ଲା ନ ତାପମାତ୍ରା ୪୦ ଡିଗ୍ରୀ ପାର୍ କରିଛେ । ଆଏଜ୍ ଦୁଇପହର୍‌ତକ୍ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ବୌଦ୍ଧ ଜିଲ୍ଲା ନ ୪୨ ଦଶ୍‌ମିକ୍ ୯ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସମ୍ବଲ୍‌ପୁର୍ ବଲାଙ୍ଗିର୍, ଝାର୍‌ସୁଗୁଡ଼ା, ଟିଟିଲାଗଡ଼୍ ଆଉ ତାଲ୍‌ଚେର୍‌ର କେତେଟା ଜାଗା ନ ଜବର୍ ଖରା ହେଉଛେ । ସେଆଡ଼େ ଭୁବ୍‌ନେଶ୍ୱର୍ ସହେତେ ସମୁଦ୍ର ଖଁଡ଼ି ଜିଲ୍ଲାମାନ୍‌କେ ଜବର୍ ଗୁଳଗୁଳି ହଉଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା କିଛି ଦିନ୍ ଭିତ୍‌ରେ ରାଜ୍ୟର୍

ତାପମାତ୍ରା ୪୪ ଡିଗ୍ରୀତକ୍ ବଢ଼୍‌ବାର୍ ସମ୍ଭାବନା ରହିଛେ । ରାଜ୍ୟର୍ କେତେଟା ଜିଲ୍ଲା ନ କାଲ୍‌ବୈଶାଖୀ ସହେତେ ଚଢ଼କ୍ ମାର୍‌ବାର୍ ଭିଲ୍ ସମ୍ଭାବନା ରହିଛେ ।